# NATIONAL NEWS BULLETIN (ODIA)

**13 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆନ୍ତର୍ଜାତିକ ଚାପ ସତ୍ତ୍ୱେ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି କୃଷକ ଓ କୃଷିକ୍ଷେତ୍ରକୁ ବରଦାନ ବୋଲି କୃଷକ ସମାଜର ଦୃଢ଼ୋକ୍ତି

- ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାଧୀନତା ଦିବସର ମୁଖ୍ୟ ସମାରୋହରେ ସାମିଲ ହେବେ ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ ଜଣ ପଞ୍ଚାୟତ ପ୍ରତିନିଧି

- ନଭେମ୍ବର ୧ ତାରିଖରୁ ସାରା ଦେଶରେ ମାସେ ବ୍ୟାପି ଚାଲିବ ଚତୁର୍ଥ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ

- ରାଜସ୍ଥାନର ଦୌସାଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୧୦ ମୃତ, ୧୧ ଆହତ

ଏବଂ

- ଆସନ୍ତା ୧୯ ତାରିଖରୁ ୧୦୬ଟି ଦଳକୁ ନେଇ ଆରମ୍ଭ ହେବ ସୁବ୍ରତୋ କପ୍ ଆନ୍ତର୍ଜାତିକ ଫୁଟବଲ ପ୍ରତିଯୋଗିତାର ୬୪ତମ ସଂସ୍କରଣ

## ଫାର୍ମର୍ସ ଗଭ୍ ମିଟ୍

ଆନ୍ତର୍ଜାତିକ ସ୍ତରରେ ଚାପ ସତ୍ତ୍ୱେ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନିଷ୍ପତ୍ତି ଲାଗି ସାରା ଦେଶର

କୃଷକମାନେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି କୃଷକ ସଂଗଠନ ନେତା ଓ କର୍ମୀଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶ ଅବସରରେ ସଂଗଠନର କର୍ମକର୍ତ୍ତା, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ଶ୍ରୀ ଚୌହ୍ୱାନ ଏହି ଅବସରରେ କହିଛନ୍ତି ନକଲି ସାର ଓ ରସାୟନିକ ପଦାର୍ଥ ଉତ୍ପାଦନକୁ ପ୍ରତିହତ କରିବା ଲାଗି ସରକାର ଖୁବ୍‌ଶୀଘ୍ର ଏକ ନୂତନ ଆଇନ୍ ପ୍ରଣୟନ କରିବେ । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ଡିଜିଟାଲ ମାଧ୍ୟମରେ ବୀମା ରାଶି ସମ୍ପର୍କରେ ଉଲ୍ଲେଖକରି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି କୃଷକ କଲ୍ୟାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ।

**V/O (Shivraj-Crop Insurance)**

ଭାରତୀୟ କୃଷକ ଚୌଧୁରୀ ଚରଣ ସିଂ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଧର୍ମେନ୍ଦ୍ର ଚୌଧୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଏହି ନିଷ୍ପତ୍ତି କେବଳ କୋଟିକୋଟି ଭାରତୀୟଙ୍କୁ ଖାଦ୍ୟ ସୁରକ୍ଷା ଦେବନାହିଁ, ବରଂ ଦେଶର କୃଷି ଏବଂ ଗ୍ରାମାଞ୍ଚଳ କ୍ଷେତ୍ରକୁ ସୁଦୃଢ଼ କରିବ ।

**V/O (Dharmendra Choudhury)**

ଦେଶର କୃଷକ ଓ କୃଷିକ୍ଷେତ୍ରକୁ ପ୍ରଧାନମନ୍ତ୍ରୀଙ୍କ ଏହା ଏକ ବରଦାନ ବୋଲି ଜଣେ କୃଷକ କହିଛନ୍ତି ।

**V/O (Farmer)**

---

## ପଞ୍ଚାୟତ ଲିଡର୍ସ-ଇଣ୍ଡିପେଣ୍ଡେଣ୍ଟ୍ସ ଡେ

୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ ପଞ୍ଚାୟତ ପ୍ରତିନିଧି ଅଗଷ୍ଟ ୧୫ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାଧୀନତା ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ । ସ୍ୱତନ୍ତ୍ର ଅତିଥିମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ମହିଳା ପଞ୍ଚାୟତ ପ୍ରତିନିଧି ସାମିଲ ଅଛନ୍ତି, ଯେଉଁମାନେ ଗ୍ରାମପଞ୍ଚାୟତରେ ଉନ୍ନତ ଭିତ୍ତିଭୂମି, ସେବା ଏବଂ ସାମୁଦାୟିକ ପଦକ୍ଷେପ ଗ୍ରହଣ କରି ନିଜର ଏକ ବିଶେଷ ପରିଚୟ ହାସଲ କରିଛନ୍ତି । ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ସ୍ୱତନ୍ତ୍ର ଅତିଥିମାନେ ହର୍ ଘର୍ ଜଳ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମୀଣ ଓ ମିଶନ ଇନ୍ଦ୍ରଧନୁଷ ଭଳି ପ୍ରମୁଖ ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ସଫଳତା ହାସଲ କରିଛନ୍ତି ।

ମନ୍ତ୍ରଣାଳୟ ପକ୍ଷରୁ ଆହୁରି କୁହାଯାଇଛି, ଏହି ସ୍ୱତନ୍ତ୍ର ଅତିଥିମାନଙ୍କ ପାଇଁ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଆନୁଷ୍ଠାନିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ସମୟରେ ଏ.ଆଇ. ପରିଚାଳିତ **ସଭାସାର୍ ଆପ୍ଲିକେଶନ** ଆରମ୍ଭ କରାଯିବ ।

ଚଳିତବର୍ଷର ଏହି କାର୍ଯ୍ୟକ୍ରମର ବାର୍ତ୍ତା ରହିଛି **ଆତ୍ମନିର୍ଭର ପଞ୍ଚାୟତ, ବିକାଶ ଭାରତ କି ପେହଚାନ୍ ।** ବିକଶିତ ଭାରତର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ୱାବଲମ୍ବୀ ପଞ୍ଚାୟତଗୁଡ଼ିକର ଦୃଷ୍ଟିକୋଣକୁ ଏହା ପ୍ରତିଫଳିତ କରିବ ବୋଲି କୁହାଯାଉଛି ।

........................................................................................

## ବିହାର ଫ୍ଲଡ୍

ବିହାରର ଗଙ୍ଗା, ଗଣ୍ଡକ, ସୋନ, କୋଷି, ମହାନନ୍ଦ ଏବଂ ବାଗମତୀ ସମେତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ରାଜ୍ୟର ୧୦ଟି ଜିଲ୍ଲାର ୧୯ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଭାଗଲପୁର, ମୁଙ୍ଗେର, ବେଗୁସରାଇ, ବୈଶାଳୀ, ଭୋଜପୁର, ଖଗାରିଆ ଏବଂ ପାଟନା ଜିଲ୍ଲା ବନ୍ୟା ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ କେତେକ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ପ୍ରଭାବିତ ଲୋକମାନଙ୍କୁ ଉଚ୍ଚସ୍ଥାନ ଏବଂ ରାଜପଥରେ ଆଶ୍ରୟ ନେବାକୁ କୁହାଯାଇଛି ।

ଭାଗଲପୁରରେ ୪ଲକ୍ଷ ୫୦ ହଜାରରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଗଙ୍ଗାନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ଭାଗଲପୁରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ସେହିପରି ବେଗୁସରାଇ ଜିଲ୍ଲାର ୩ଲକ୍ଷ ୫୦ ହଜାର ଲୋକ ଗଙ୍ଗାନଦୀର ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି । ତେବେ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

## ଶାହା-ହରଘର ତ୍ରିରଙ୍ଗା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ହର୍ ଘର ତିରଙ୍ଗା ଅଭିଯାନ ଅଧୀନରେ ତାଙ୍କ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଏହି ଅଭିଯାନ ଏକ

ଆନ୍ଦୋଳନରେ ପରିଣତ ହୋଇଛି, ଯାହା ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଦେଶପ୍ରେମର ଭାବନାକୁ ମଜବୁତ କରିଛି ।

## ପେନସନ୍-ଡିଜିଟାଲ କ୍ୟାମ୍ପେନ୍

ଚଳିତବର୍ଷ ନଭେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଚତୁର୍ଥ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ ଆରମ୍ଭ କରାଯିବ । ମୁଖମଣ୍ଡଳ ଚିହ୍ନଟ ପ୍ରକ୍ରିୟା ପ୍ରଯୁକ୍ତି ବ୍ୟବହାର କରି ପେନସନଭୋଗୀଙ୍କ ଡିଜିଟାଲ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଅଭିଯାନ ବୋଲି କୁହାଯାଉଛି । କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ଆଜି ଏକ ବିବୃତିରେ କହିଛି ଯେ ଏହି ଅଭିଯାନ ଦେଶର ୧ ହଜାର ୮୫୦ରୁ ଅଧିକ ଜିଲ୍ଲା, ନଗର ଓ ସହରରେ ଆୟୋଜିତ ହେବ । ଦେଶର ଦୂରଦୂରାନ୍ତରେ ଥିବା ସମସ୍ତ ପେନସନଭୋଗୀଙ୍କ ପାଖରେ ପହଞ୍ଚିବା ପାଇଁ ଏହି ଅଭିଯାନ ପେନସନ ପ୍ରଦାନକାରୀ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ, ପେନସନଭୋଗୀ କଲ୍ୟାଣ ସଂଘ, ରେଳବାଇ, ୟୁଆଇଡିଏଆଇ ଏବଂ ଅନ୍ୟମାନଙ୍କ ସହଯୋଗରେ ଅନୁଷ୍ଠିତ ହେବ ।

ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ସଚିବ ଭି. ଶ୍ରୀନିବାସ ଆଗାମୀ ଅଭିଯାନ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ଆହୁରି ସୂଚନା ଦିଆଯାଇଛି ଯେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ ଏହାର ୧ ଲକ୍ଷ ୮ ହଜାର ପୋଷ୍ଟମ୍ୟାନ ଏବଂ ଗ୍ରାମୀଣ ଡାକସେବକଙ୍କ ବୃହତ୍ ନେଟୱର୍କ ମାଧ୍ୟମରେ ୧୬ଶହ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଡାକଘରେ ଶିବିର ଆୟୋଜନ କରିବ । ରେଳ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ ସଂପୃକ୍ତ ମନ୍ତ୍ରଣାଳୟ ଓ

ବିଭାଗଗୁଡ଼ିକ ମଧ୍ୟ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଦେଶବ୍ୟାପୀ ଚିହ୍ନଟ କରାଯାଇଥିବା ସ୍ଥାନରେ ଶିବିରମାନ ଆୟୋଜନ କରିବେ ।

---

## ରାଜସ୍ଥାନ-ଆକ୍ସିଡେଣ୍ଟ

ରାଜସ୍ଥାନର ଦୌସାଠାରେ ଆଜି ପ୍ରତ୍ୟୁଷରେ ଏକ ସଡ଼କ ଦୁର୍ଘଟଣାରେ ୧୦ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି । ଦୌସା -ମନୋହରପୁର ରାଜପଥର ବାପ୍‌ଦୀ ଚୌରାଠାରେ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ଅଧିକାଂଶ ଉତ୍ତରପ୍ରଦେଶର ଏଟାହ ଜିଲ୍ଲାର ବାସିନ୍ଦା ଏବଂ ସେମାନେ ଶିକର ଜିଲ୍ଲାର ଖାଟୁ ଶ୍ୟାମଜୀ ମନ୍ଦିରରେ ପୂଜାର୍ଚ୍ଚନା କରି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି । ଦୌସା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଗୁରୁତର ୮ଜଣଙ୍କୁ ଜୟପୁରସ୍ଥିତ ଏସ୍‌ଏମ୍‌ଏସ୍ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୩ ଜଣ ଦୌସା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

---

## ୟେମେନ୍-ଆଟାକ୍ ଇସ୍ରାଏଲ୍

ୟେମେନ୍‌ର ହୁତି ଗୋଷ୍ଠୀ କହିଛି ଯେ ସେମାନେ ଇସ୍ରାଏଲ୍‌ର ହାଇଫା, ନେଗେଭ୍, ଏଲାଥ୍ ଏବଂ ବୀ’ର୍ ସେବା ସହରକୁ ଟାର୍ଗେଟ କରି ୪ଟି ଡ୍ରୋନ୍ ଆକ୍ରମଣ କରିଛି । ଏହି ଗୋଷ୍ଠୀର ସାମରିକ ମୁଖପାତ୍ର କହିଛନ୍ତି ଯେ ଇସ୍ରାଏଲ୍ ଦ୍ୱାରା ଗଣହତ୍ୟା, ଅନାହାର, ବିସ୍ଥାପନ ମାଧ୍ୟମରେ ପାଲେଷ୍ଟାଇନ୍‌ଙ୍କ ପ୍ରତି

କରାଯାଉଥିବା ଆକ୍ରମଣର ଫଳସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି । ତେବେ ଏ ସଂକ୍ରାନ୍ତରେ ଇସ୍ରାଏଲ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ ।

## ତାଇୱାନ ଭେସେଲ୍

ତାଇୱାନ କହିଛି ଯେ ଏହାର ଜଳସୀମାରେ ୧୪ଟି ଚୀନ୍ ଏୟାରକ୍ରାଫ୍ଟ, ୬ଟି ନୌବହର ଚଳାଚଳ କରୁଥିବା ଠାବ କରିଛି । ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଚୀନ୍‌ର ଏହି ୧୪ଟି ଏୟାରକ୍ରାଫ୍ଟ ମଧ୍ୟରୁ ୬ଟି ମେଡ଼ିଆନ୍ ଲାଇନ୍ ଅତିକ୍ରମ କରି ତାଇୱାନ୍‌ର ଉତ୍ତର ଓ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରତିରକ୍ଷା ଚିହ୍ନଟ କ୍ଷେତ୍ରରେ ପ୍ରବେଶ କରିଛି ।

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୧ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍ ର ୧୨୫ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୯ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍

ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

---

## ଫୁଟ୍‌ବଲ୍-ସୁବ୍ରତୋ କପ୍

ସୁବ୍ରତୋ କପ୍ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୬୪ତମ ସଂସ୍କରଣ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ । ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୦୬ଟି ଦଳ ୩ଟି ବିଭାଗରେ ଅଂଶ ଗ୍ରହଣ କରିବେ । ଜୁନିୟର ବାଳକ ଏବଂ ବାଳିକା ଓ ସବ୍‌ଜୁନିୟର ବର୍ଗରେ ମ୍ୟାଚ୍ ଗୁଡ଼ିକ ଦିଲ୍ଲୀ ଏନ୍‌ସିଆର୍ ଏବଂ ବେଙ୍ଗାଲୁରୁରେ ଖେଳାଯିବ । ପ୍ରଥମ ଦିନ ୧୭ବର୍ଷରୁ କମ୍ ଜୁନିୟର ବାଳିକା ବର୍ଗରେ ଦିଲ୍ଲୀ ଏନ୍‌ସିଆର୍‌ରେ ପ୍ରତିଯୋଗିତା ଆରମ୍ଭ ହେବ । ସେପ୍ଟେମ୍ବର ୨ ତାରିଖରେ ୧୫ ବର୍ଷରୁ କମ୍ ସବ୍‌ଜୁନିୟର ବାଳକବର୍ଗର ମ୍ୟାଚ୍ ଆରମ୍ଭ ହେବାକୁ ଥିବା ବେଳେ ୧୭ ବର୍ଷରୁ କମ୍ ଜୁନିୟର ବାଳକ ବର୍ଗର ମ୍ୟାଚ୍ ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଫୁଟବଲ ଦଳଗୁଡ଼ିକ ଅଂଶ ଗ୍ରହଣ କରିବେ । ବିଦେଶରୁ ୪ଟି ଦଳ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେବେ ।

ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିଯୋଗିତା ସଂପର୍କରେ ସୂଚନା ଦିଆଯାଇଛି । ଭାରତୀୟ ଫୁଟବଲ ଖେଳାଳି ଡାଲିମା ଶିବଲ୍ ସାମ୍ବାଦିକ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ ।

---